# Akashvani, Sambalpur

## SAMBALPURI NEWS EVENING BULLETIN

## 3 August 2024- 7.02 pm- 7.12 pm.

*********************************************

୧- କୃଷିକ୍ଷେତ୍ରକେ ସର୍କାର୍ ସବୁବେଳେ ଜୋର୍ ଦେଇଆସୁଛନ୍- କହେଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- ରାଜ୍ୟର୍ ଶିଳ୍ପକ୍ଷେତ୍ରର୍ ଅଗ୍ରଗତି ବାବ୍‌ଦେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୩- ଓଡ଼ିଶା ଜୁଡ଼ିସିଆଲ୍ ଏକାଡେମୀ ନ ଦୁଇଦିନିଆ ବିଚାର୍ ବିଭାଗୀୟ ସମ୍ମିଳନୀ ହେଲା ମୁଲ୍ ।

୪- 'ଅଙ୍ଗଦାନ ଜୀବନ୍‌ଦାନ'ର ବାର୍ତା ନେଇକରି ଆଏଜ୍ ସାରାଦେଶେ ପାଲିତ୍ ହେଉଛେ ଜାତୀୟ ଅଙ୍ଗଦାନ୍ ଦିବସ୍ ।

ଆଉର୍

୫- ରାଏଜେ ଜୁନ୍ ୧ ତାରିଖ୍‌ନୁ ଆଏଜ୍‌ତକ୍ ୫ ଶହ ୧୯ ମିଲିମିଟର୍ ବର୍ଷା ରେକର୍ଡ୍ ।

- ଆଏବା କାଏଲ୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବର୍‌ଗଡ୍ ଆର୍ ସୁନ୍ଦର୍‌ଗଡ୍ ଜିଲ୍ଲାନ ହେଇପାରେ ଜବର୍ ବର୍ଷା ।

କୃଷି ଅର୍ଥଶାସ୍ତ୍ରୀ ବୈଠକ୍        ଆର୍‌ଏନ୍‌ୟୁ/ କଟକ୍

ଭାରତ୍ ଗୁଟେ ଖାଦ୍ୟ ବଳକା ଦେଶ୍ ଆଉ ପୁର୍‌ଥି ନ ଖାଦ୍ୟ ଆଉ ପୋଷଣ୍ ସୁରକ୍ଷା ଦିଗେ କାମ୍ କରି ଆସୁଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀ ଠାନେ ଆନ୍ତର୍ଜାତିକ କୃଷି, ଅର୍ଥଶାସ୍ତ୍ରୀ ପରିଷଦ୍‌ର ୩୨ ନମ୍ବର୍ ଅଧିବେଶନ୍‌କେ ଉଦ୍‌ଘାଟନ୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, କୃଷି କ୍ଷେତ୍ରକେ ଅଏତ୍‌କା ବର୍‌କସ୍ କର୍‌ବାର୍ ଆଉ କୃଷିଜୀବୀଙ୍କର୍ ଜୀବନ୍‌ଶୈଲୀଥି ଉନ୍ନତି ଆନ୍‌ବାର୍ ଲାଗି ସର୍‌କାର୍ ଭିନ୍ ଭିନ୍ ପ୍ରକାରର୍ ପଦକ୍ଷେପ୍ ଗ୍ରହଣ୍ କରୁଛନ୍ । ସର୍‌କାର୍‌ଙ୍କର୍ ଆର୍ଥିକ୍ ନୀତିଥି କୃଷି ଗୁଟେ ପ୍ରମୁଖ ସ୍ଥାନ ଗ୍ରହଣ୍ କରିଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଦୁଗ୍ଧ, ତୈଲବୀଜ, ମସ୍‌ଲା ଆଉ ମିଲେଟ୍‌ସ୍ ଉତ୍ପାଦନ୍ କ୍ଷେତ୍ର ନ ଭାରତ୍ ପୁର୍‌ଥିର୍ ଆଗୁଆ ରାଷ୍ଟ୍ରର ମାଏନ୍‌ତା ପାଇଛେ । ଜୈବିକ୍ ଚାଷ୍ ଉପ୍‌ରେ ସର୍‌କାର୍ ଅଏତ୍‌କା ଜୋର୍ ଦଉଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଦେଶେ ୫ ଶହ ନୁ ଅଏତ୍‌କା କୃଷିଭିତିକ ଶିକ୍ଷାନୁଷ୍ଠାନ୍ ଆଉ ୭ ଶହ ନୁ ଅଏତ୍‌କା କୃଷି ବିଜ୍ଞାନ୍ କେନ୍ଦ୍ର କାମ୍ କରୁଛେ । ଇତାର୍ ଜରିଏ ଚାଷୀମାନ୍‌କୁ ଆଧୁନିକ୍ ପ୍ରଯୁକ୍ତିବିଦ୍ୟା ବାବ୍‌ଦେ ସଚେତନ୍ କରାଯାଇପାରୁଛେ ବଲି ସେ କହିଛନ୍ । ଗଲା ୧୦ ବଛର୍ ଭିତ୍‌ରେ କ୍ଷୁଦ୍ର ଜଲ୍‌ସେଚନ୍ ଯୋଜ୍‌ନା ଅଧୀନ୍‌ଥି ଦେଶର୍ ୯୦ ଲାଖ୍ ହେକ୍ଟର୍ ନୁ ଅଏତ୍‌କା ଜମିକେ ସାମିଲ୍ କରାଯାଇଛେ ବଲି ସେ କହିଛନ୍ । ଇ ବୈଠକ୍‌ଥି

୭୫ ଟା ରାଷ୍ଟ୍ରର୍ ୧ ହଜାର୍‌ନୁ ଅଏତ୍‌କା ପ୍ରତିନିଧି ଯୋଗ୍ ଦେଇଛନ୍ ।

ଶିଳ୍ପକ୍ଷେତ୍ର ଅଗ୍ରଗତି ସମୀକ୍ଷା ସୂଚନା ଲୋକସମ୍ପର୍କ ବିଭାଗ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏଜ୍ ରାଜ୍ୟର୍ ଶିଳ୍ପକ୍ଷେତ୍ରର୍ ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିକରି ଅଏତ୍‌କା ନିଯୁକ୍ତି ଦଉଥିବା କ୍ଷେତ୍ର ମାନ୍‌କର୍ ଉପ୍‌ରେ ଜୋର୍ ଦେବାର୍‌କେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ । ସେ କହିଛନ୍ ଯେ, ଆଏବା ୫ ବଛର୍ ଭିତ୍‌ରେ ରାଏଜେ ୩ ଲାଖ୍ ୫ ହଜାର୍ ନିଯୁକ୍ତି ସମ୍ଭାବନା ସୃଷ୍ଟି କର୍‌ବାର୍‌କେ ରାଜ୍ୟ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଟେକ୍ସଟାଇଲ୍ ଆଉ ଖାଦ୍ୟ ପ୍ରକ୍ରିୟାକରଣ୍ ବାଗିର୍ କ୍ଷେତ୍ର ନ ଅଏତ୍‌କା ନିଯୁକ୍ତି ସମ୍ଭାବନା ରହିଛେ । ସେଥିର୍‌ଲାଗି ସେସବୁ କ୍ଷେତ୍ର ନ କେନ୍ତାକରି ଅଏତ୍‌କା ଶିଳ୍ପପ୍ରତିଷ୍ଠା ହେଇପାର୍‌ବା ସେଥିର୍‌ଲାଗି ଧ୍ୟାନ୍ ଦେବାର୍‌କେ ସେ ପରାମର୍ଶ ଦେଇଥିଲେ । ସେଆଡ଼େ କେନ୍ଦୁଝର୍ ବାଗିର୍ ଖଣିଜ ସମ୍ପଦ ଥିବାର୍ ଜିଲ୍ଲା ନ ମେଗାଷ୍ଟିଲ୍ ପ୍ଲାଂଟ୍ ଥାପ୍‌ନା କର୍‌ବାର୍ ଲାଗି ଉଦ୍ୟମ୍ ତ୍ୱରାନ୍ୱିତ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଇଥିର୍‌ଲାଗି ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଟାସ୍କଫୋର୍ସ ଗଠନ୍ କରାଯିବା । ଇ ଟାସ୍କଫୋର୍ସ କେନ୍ଦୁଝର୍ ନ ମେଗା ଷ୍ଟିଲ୍ ପ୍ଲାଂଟ୍ ଥାପ୍‌ନା ଲାଗି

ଆଗ୍ରହୀ ଶିଳ୍ପସଂସ୍ଥାମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ଲା ଉତ୍‌ରୁ ପ୍ରକ୍ରିୟା ତୁର୍‌ତି କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ବୈଠକ୍‌ଥି ଶିଳ୍ପବିଭାଗ୍ ପ୍ରମୁଖ ସଚିବ ହେମନ୍ତ ଶର୍ମା ଭିନ୍ ଭିନ୍ କ୍ଷେତ୍ର ନ ଶିଳ୍ପକ୍ଷେତ୍ରଥି ହେଇଥିବା ଅଗ୍ରଗତି ବାବ୍‌ଦେ ତଥ୍ୟ ଉପସ୍ଥାପନ୍ କରିଥିଲେ ।

ବିଚାର୍‌ବିଭାଗ୍ ସମ୍ମିଲନୀ ଆର୍‌ଏନ୍‌ୟୁ/ କଟକ୍

ଜିଲ୍ଲାସ୍ତରୀୟ କୋର୍ଟ ଆଉ ବିଚାର୍‌ବିଭାଗୀୟ ଅଧିକାରୀମାନେ ସାଧାରଣ ଜନତା ଆଉ ବିଚାର୍ ବ୍ୟବସ୍ଥା ଭିତ୍‌ରେ ପୋଲ୍ ବାଗିର୍ କାମ୍ କର୍‌ସନ୍ ବଲି ସୁପ୍ରିମ୍‌କୋର୍ଟର ବିଚାର୍‌ପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ । କଟକ୍‌ଠାନେ ଥିବା ଓଡ଼ିଶାର୍ ଜୁଡ଼ିସିଆଲ୍ ଏକାଡେମୀ ପରିସର୍ ନ ଆଏଜ୍ ହେଇଥିବା ୨ ଦିନିଆ ସମ୍ମିଲନୀଥି ଯୋଗ୍ ଦେଇକରି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ ଯେ, ନ୍ୟାୟିକ ବ୍ୟବସ୍ଥାଥି ନିମ୍ନ ଅଦାଲତ୍ ମାନ୍‌କର୍ ବଡ଼ ଭୂମିକା ରହିଛେ । ବିଚାର୍ ବିଭାଗ୍ ଉପ୍‌ରେ ଲୁକ୍‌କର୍ ଆସ୍ଥା ଯେନ୍ତା ରହେବା ସେଥିର୍‌ଲାଗି ସେ ଆହ୍ୱାନ୍ ଦେଇଛନ୍ । ଉଚିତ୍ ବେଭାର୍ ଆର୍ ଜଲ୍‌ଦି ନ୍ୟାୟ ଦେବାର୍ ବ୍ୟବସ୍ଥା ଉପ୍‌ରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଜୋର୍ ଦେଇଛନ୍ । ନ୍ୟାୟିକ ବ୍ୟବସ୍ଥାଥି ସୂଚ୍‌ନା ଆଉ ପ୍ରଯୁକ୍ତିବିଦ୍ୟା ଆଉ ଭିନ୍ ଭିନ୍ ବୈଷୟିକ ପଦକ୍ଷେପ୍ ଭଲ୍ ସାହାଜ୍ କରିଛେ ବଲି ସେ କହିଛନ୍ । ତୃଣମୂଳ

ସ୍ତର୍ ନ ବିବାଦ୍‌ର ଆପୋଷ ସମାଧାନ୍ ହେଇପାର୍‌ଲେ କୋର୍ଟର କାର୍ଯ୍ୟଭାର କମ୍‌ବା ବଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ ।

ଅନ୍ୟ ଅତିଥି ଭାବେ ଯୋଗ୍‌ଦେଇକରି ସୁପ୍ରିମ୍‌କୋର୍ଟର ବିଚାର୍‌ପତି ଅସସଉଦ୍ଦିନ ଅମୁନୁଲ୍ଲା କହିଛନ୍ ଯେ, ନ୍ୟାୟିକ ବ୍ୟବସ୍ଥାଥି ଆଧୁନିକ୍ ଜ୍ଞାନ୍ କୌଶଲ୍‌ର ବେଭାର୍ ଖୋବ୍ ଉତ୍ସାହପ୍ରଦ ।

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ସମ୍ମିଲନୀଥି ଯୋଗ୍ ଦେଇକରି କହିଛନ୍ ଯେ, ନ୍ୟାୟ ଦେବାର୍ ବ୍ୟବସ୍ଥାଥି ରହିଥିବା ଆହ୍ୱାନ୍ ମାନ୍‌କର୍ ମୁକାବିଲା ଦିଗେ ଏନ୍ତା ସମ୍ମିଲନୀ ଖୋବ୍ ସହାୟକ ହେଇଥିସି । ଅଲ୍‌ଗାମାନ୍‌କର୍ ଭିତ୍‌ରେ ଓଡ଼ିଶା ହାଇକୋର୍ଟର ଅନ୍ୟତମ ବିଚାର୍‌ପତି ଜଷ୍ଟିସ୍ ସଙ୍ଗମ୍ କୁମାର୍ ସାହୁ, ସୁପ୍ରିମ୍‌କୋର୍ଟର ଅବସର ପ୍ରାପ୍ତ ବିଚାର୍‌ପତି ଜଷ୍ଟିସ୍ ଅନିରୁଦ୍ଧ ବୋଷ ପ୍ରମୁଖ ଯୋଗ୍ ଦେଇଥିଲେ ।

ଇ ସମ୍ମିଲନୀଥି ଓଡ଼ିଶା, ଛତିଶ୍‌ଗଡ୍, ଝାର୍‌ଖଣ୍ଡ୍, ବିହାର୍ ଆର୍ ମାଡ୍ରାସ୍ ହାଇକୋର୍ଟର ବିଚାର୍‌ପତି ଆର୍ ବିଚାର୍‌ବିଭାଗୀୟ ଅଧିକାରୀମାନେ ଯୋଗ୍ ଦେଇଛନ୍ । ଇ ସମ୍ମିଲନୀ ଆଏବା କାଏଲ୍ ଉଦ୍‌ଯାପିତ୍ ହେବା ।

ସୁପ୍ରିମ୍‌କୋର୍ଟ- ଲୋକ୍‌ଅଦାଲତ୍ ଆର୍‌ଏନ୍‌ୟୁ/ କଟକ୍

ସୁପ୍ରିମ୍‌କୋର୍ଟ ତରଫୁ ହେଇଥିବା ସ୍ୱତନ୍ତ୍ର ଲୋକ ଅଦାଲତ୍ ଆଏଜ୍ ଶେଷ୍ ହେଇଛେ । ସୁପ୍ରିମ୍‌କୋର୍ଟର୍ ୭୫ ନମ୍ବର୍ ବାର୍ଷିକୀ ପାଲନ୍ ଅବ୍‌ସରେ ଇ ଲୋକ୍ ଅଦାଲତ୍ ହେଇଯାଇଛେ । ଗଲାମାସ ୨୯ ତାରିଖ୍‌ନୁ ମୁଲ୍ ହେଇଥିବା ଇ ଲୋକ୍‌ଅଦାଲତ୍‌ଥି ଭିନ୍ ଭିନ୍ ମାମ୍‌ଲାର୍ ଆପୋଷ ଆଲୋଚନା ଜରିଏ ଫଏସଲା ହେଇଛେ । ଇ ଅବ୍‌ସରେ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି କେନ୍ଦ୍ର ଆଇନ୍ ଆଉ ନ୍ୟାୟ ମନ୍ତ୍ରୀ ଅର୍ଜୁନ୍ ରାମ୍ ମେଘୱାଲ୍ କହିଛନ୍ ଯେ, ଲୋକ ଅଦାଲତ୍ ଜରିଏ ହଜାରେ ନୁ ଅଏତ୍‌କା ମାମ୍‌ଲାର୍ ସମାଧାନ୍ ହେଇପାରିଛେ । ଆପୋଷ ଆଲୋଚନା ଜରିଏ ସମସ୍ୟାର୍ ସମାଧାନ୍ କର୍‌ବାର୍ ଟା ଭାରତୀୟ ସଂସ୍କୃତିର୍ ଗୁଟେ ପ୍ରତିଫଳନ୍ ବଲି ସେ କହିଛନ୍ ।

ଜାତୀୟ ଅଙ୍ଗଦାନ୍ ଦିବସ୍ ଆର୍‌ଏନ୍‌ୟୁ/ କଟକ୍/ ବୌଦ୍ଧ

ଅଙ୍ଗଦାନ୍ ଜୀବନ୍ ଦାନ୍ ବାର୍ତା ନେଇକରି ଆଏଜ୍ ସାରା ଦେଶେ ଜାତୀୟ ଅଙ୍ଗଦାନ୍ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍‌ର ବାର୍ତା ହେଉଛେ ‘ଅଙ୍ଗଦାନ ଜନଜାଗୃତି ଅଭିଯାନ୍’ । ଅଙ୍ଗଦାନ୍ ବାବ୍‌ଦେ ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍ ଇ ଦିବସ୍ ପାଲନ୍ କର୍‌ବାର୍ ମୁଖ୍ୟ ଉଦ୍ଦେଶ୍ୟ ଆଏ । ୧୯୯୪ ମସିହା ଆଝିର୍ ଦିନେ ଭାରତ୍ ନ ପହେଲା ହୃଦ୍‌ପ୍ରତ୍ୟାରୋପଣ ସଫଲତାର୍ ସହ ହେଇଥିଲା । ଇ ଦିନ୍‌କେ ମନେ ପକାବାର୍ ଲାଗି

ଗଲା ୨୦୨୨ ମସିହାନୁ ଫି ବଛର୍ ଇ ଦିବସ୍ ପାଲନ୍ ହେଇଆସୁଛେ । ଅଙ୍ଗଦାନ୍ କର୍‌ବାର୍‌ନୁ ବହୁତ୍ ଲୁକଙ୍କର୍ ଜୀବନ୍‌ରକ୍ଷା କରାଯାଇପାର୍‌ବା । ଇ ବାବ୍‌ଦେ ଅଏତ୍‌କା ସଚେତନତା ସୃଷ୍ଟି ଆଉ ଇତାର୍ ଅଏତ୍‌କାନୁ ଅଏତ୍‌କା କାର୍ଯ୍ୟକାରିତାର୍ ଲକ୍ଷ୍ୟଥି ଜାତୀୟ ଆଂଚଲିକ୍ ଆଉ ରାଜ୍ୟସ୍ତର୍‌ଥି ସର୍‌କାରୀ ଆଉ ସ୍ୱେଚ୍ଛାସେବୀ ଅନୁଷ୍ଠାନ୍‌ମାନେ କାମ୍ କରୁଛନ୍ ।

ବୌଦ୍ଧ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତର୍‌ଫୁ ବୀର୍‌ନରସିଂହପୁର୍ ଆର୍ କେଲାକଟା ଠାନେ ଅଙ୍ଗଦାନ୍ ଦିବସ୍ ପାଲନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଡାକ୍ତର୍ କିଶୋର ଚନ୍ଦ୍ର ପଟ୍ଟନାୟକ୍ ଯୋଗ୍ ଦେଇକରି ମୁନ୍‌ଷର୍ ଶରୀର୍ କେନ୍ ଅଙ୍ଗସବୁ ପ୍ରତିରୋପଣ୍ କରାଯାଇପାର୍‌ବା ଆର୍ କେନ୍ ପରିସ୍ଥିତି ନ ଦାନ୍ କରାଯାଇପାର୍‌ବା ସେ ବାବ୍‌ଦେ ଆଲୋଚନା କରିଥିଲେ । ଇ ଅବ୍‌ସରେ କରାଯାଇଥିବା ଚିତ୍ରାଙ୍କନ୍, ସ୍ଲୋଗାନ୍ ଆଉ କ୍ୱିଜ୍ ପ୍ରତିଯୋଗିତାର୍ କୃତି ପ୍ରତିଯୋଗୀମାନ୍‌କୁ ସମ୍ମାନିତ୍ କରାଯାଇଥିଲା ।

## ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ୍-ବୈଠକ୍

ସୂଚନା ଲୋକସମ୍ପର୍କ ବିଭାଗ୍

ଭୁବ୍‌ନେଶ୍ୱର୍‌ଠାନେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ୍ ପାଲନ୍ ଲାଗି ସୂଚ୍‌ନା ଆଉ ଲୋକସମ୍ପର୍କ ବିଭାଗ୍ ପ୍ରମୁଖ ଶାସନ୍ ସଚିବ ସଞ୍ଜୟ କୁମାର୍ ସିଂଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି

ବୈଠକ୍ ଆଏଜ୍ ହେଇଯାଇଛେ । ମହାତ୍ମାଗାନ୍ଧୀ ମାର୍ଗ ନ ହେବାର୍କେ ଥିବା ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜାତୀୟ ପତାକା ଉତୋଳନ୍ କର୍‌ବେ । ଇ ଅବ୍‌ସରେ ପରେଡ୍‌ଥି ଅଂଶଗ୍ରହଣ୍ କରିଥିବା ଭିନ୍ ଭିନ୍ ପରେଡ୍ ଦଲ୍ ଆର୍ ପ୍ରଜ୍ଞାପନ ମେଢ଼୍‌କେ ପୁରସ୍କୃତ କର୍‌ବେ । ଇ ବଛର୍ ସ୍ୱାଧୀନତା ଦିବସ୍ ସମାରୋହଥି ଓଡ଼ିଆ ଅସ୍ମିତା ଆଉ ଓଡ଼ିଶାର୍ ବରପୁତ୍ରମାନ୍‌କୁ ସମ୍ମାନ୍ ପ୍ରଦର୍ଶନ୍‌କେ ସମାରୋହର ମୁଖ୍ୟ ବିଷୟ ଭାବେ ଗ୍ରହଣ୍ କରିକରି ଆନୁସଙ୍ଗିକ୍ ବ୍ୟବସ୍ଥା କର୍‌ବାର୍ ଲାଗି ଶ୍ରୀ ସିଂ ନିର୍ଦ୍ଦେଶ୍ ଦେଇଛନ୍ ।

କେରଳ ଭୂସ୍ଖଳନ ସମ୍ବଲପୁର୍ ସମ୍ବାଦଦାତା

କେରଳ ଭୂସ୍ଖଳନ ଘଟ୍‌ନାଥି ଆହତ୍ ହେଇକରି ଚିକିତ୍ସିତ୍ ହେଉଥିବା ଝାର୍‌ସୁଗୁଡ଼ାର୍ ବେହେରାମାଲ୍‌ର ସ୍ୱୀକୃତି ମହାପାତ୍ରଙ୍କର୍ ସ୍ୱାସ୍ଥ୍ୟ ଅବସ୍ଥା ଭଲ୍ ଅଛେ ବଲି ରାଜସ୍ୱ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ସେ କହିଛନ୍ ଯେ, ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସ୍ୱିକୃତୀଙ୍କର୍ ଚିକିତ୍ସା ଆଉ ନିଖୋଜ୍ ଥିବା ସ୍ୱାଧୀନ୍ ପଣ୍ଡାଙ୍କର୍ ଉଦ୍ଧାର୍ ବାବ୍‌ଦେ କେରଳ ସର୍‌କାର୍‌ଙ୍କର୍ ସାଙ୍ଗେ ଆଲୋଚନା ହେଇଛେ । ସ୍ୱିକୃତୀ ଖୋବ୍

ଜଲ୍‌ଦି ଭଲ୍ ହେଇକରି ଡାକ୍ତର୍‌ଖାନାନୁ ଘର୍‌କେ ଫିର୍‌ବେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ ଆଶା ପ୍ରକାଶ୍ କରିଛନ୍ ।

ଡାକ୍ତର୍ ବିଷ୍ଣୁପ୍ରସାଦ୍ ଚିନାରାଙ୍କର୍ ମର ଶରୀରକେ ଗାଡ଼ିଥି ଅନାଯାଉଛେ । ରାଜ୍ୟ ସର୍‌କାର୍‌ଙ୍କର୍ ଅଧିକାରୀ ମର ଶରୀର୍‌କେ ନେଇକରି ଫିରୁଛନ୍ । ଭୁବ୍‌ନେଶ୍ୱର୍ ନ ପୁହୁଁଚିବାର୍ ଉତ୍‌ରୁ ପାର୍ଥିବ୍ ଶରୀର୍‌କେ ତାଙ୍କର୍ ପୈତୃକ ଘର ପୁରୀ ଜିଲ୍ଲା ଗୋପ ବ୍ଲକ୍‌ର ପରାଳ ଗାଁକେ ନିଆଯାଇକରି ସେନ ଅନ୍ତିମ୍ ସଂସ୍କାର୍ କରାଯିବା ବଲି ଶ୍ରୀ ପୂଜାରୀ କହିଛନ୍ ।

ମୁଦିପଡ଼ା ୟୁପି ସ୍କୁଲ୍ ପ୍ଲାଟିନମ୍ ଜୁବ୍‌ଲି     ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ମୁଦିପଡ଼ା ସର୍‌କାରୀ ପ୍ରାଥମିକ ବିଦ୍ୟାଳୟର୍ ପ୍ଲାଟିନମ୍ ଜୁବ୍‌ଲି ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍ ଆଏଜ୍ ହେଇଯାଇଛେ । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଇ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଶିକ୍ଷାନୁଷ୍ଠାନ୍‌ର ଗୌରବମୟ ଇତିହାସ୍ ଉପ୍‌ରେ ଆଲୋକପାତ କରିଥିଲେ । ଇ ଅବ୍‌ସରେ ଭିନ୍ ଭିନ୍ ପ୍ରତିଯୋଗିତାର୍ କୃତି ପ୍ରତିଯୋଗୀ ଆର୍ ବରିଷ୍ଠ ଶିକ୍ଷକ୍‌ମାନ୍‌କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ଚିତାଲାଗି ଅମାବାସ୍ୟା            ଆର୍ଏନ୍ୟୁ/ କଟକ୍

ଶ୍ରାବଣର୍ ଉଆଁସ୍ ତିଥି ଉଧେ ଆଏବା କାଏଲ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍କର୍ ଚିତାଲାଗୀ ନୀତି ହେବା । ଭୋଗ ମଣ୍ଡପ ଭୋଗ ଶେଷ୍ ହେବାର୍ ଉତ୍ରୁ ଇ ଗୁପ୍ତନୀତି ହେବା । ଇଥିର୍ଲାଗି ଦୁଇପହରର୍ ୨ ବଜେନୁ ସଞ୍ଜ୍ବେଳର୍ ୬ ବଜେତକ୍ ୪ ଘଂଟା ଲାଗି ଆଏବାକାଏଲ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ କୁହାଯାଇଛେ ।

ହୀରାକୁଦ୍ ଜଲ୍ଭଣ୍ଡାର            ସମ୍ବଲପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ଆଏଜ୍ ସଞ୍ଜ୍ବେଲର୍ ୬ ବଜେ ୬ ଶହ ୮ ଦଶ୍ମିକ୍ ୯/୧ ଫୁଟ୍ ରହିଛେ । ଇ ସମିଆଥି ଫି ସେକେଣ୍ଡ୍ଥି ଜଲ୍ଭଣ୍ଡାର୍କେ ୧ ଲାଖ୍ ୪୬ ହଜାର୍ ୯ ଶହ ୮୫ ଘନଫୁଟ୍ ପାଏନ୍ ଆସୁଛେ । ଜଲ୍ଭଣ୍ଡାର୍ନୁ ୬ ଟା ଗେଟ୍, ପାୱାର୍ ଚେନାଲ୍ ଆର୍ କେନାଲ୍ ଜରିଏ ଫି ସେକେଣ୍ଡଥି ୧ ଲାଖ୍ ୨୬ ହଜାର୍ ୫ ଶହ ୭୨ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ ।

ବର୍ଷା       ସୂଚନା ଲୋକସମ୍ପର୍କ ବିଭାଗ୍

ରାଏଜେ ଜୁନ୍ ୧ ତାରିଖ୍‌ନୁ ଆଏଜ୍‌ତକ୍ ୫ ଶହ ୧୯ ମିଲିମିଟର୍ ବର୍ଷା ରେକର୍ଡ଼୍ କରାଯାଇଛେ । ଇଟା ସ୍ୱାଭାବିକ୍ ବର୍ଷାଠାନୁ ୧୦ ଦଶ୍‌ମିକ୍ ୩ ପ୍ରତିଶତ୍ କମ୍ ଆଏ ବଲି ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ କୁହାଯାଇଛେ । ଖାଲି ଜୁନ୍ ମାସେ ଶହେ ୫୬ ଦଶ୍‌ମିକ୍ ୩ ମିଲିମିଟର୍ ବର୍ଷା ରେକର୍ଡ଼୍ କରାଯାଇଛେ, ଯେନ୍‌ଟାକି ସ୍ୱାଭାବିକ୍ ବର୍ଷା ନୁ ୨୪ ଦଶ୍‌ମିକ୍ ୧ ପ୍ରତିଶତ୍ କମ୍ ଆଏ । ସେନ୍ତା ଜୁଲାଇ ମାସେ ୩ ଶହ ୨୦ ଦଶ୍‌ମିକ୍ ୮ ମିଲିମିଟର୍ ବର୍ଷା ରେକର୍ଡ଼୍ କରାଯାଇଛେ । ଯେନ୍‌ଟା ସ୍ୱାଭାବିକ୍ ବର୍ଷାନୁ ୫ ଦଶ୍‌ମିକ୍ ୨ ପ୍ରତିଶତ୍ କମ୍ ଆଏ । ଇ ମାସର୍ ୧ ନୁ ଆଏଜ୍‌ତକ୍ ହେଇଥିବା ୪୧ ଦଶ୍‌ମିକ୍ ୮ ମିଲିମିଟର୍ ବର୍ଷା ଯେନ୍‌ଟାକି ସ୍ୱାଭାବିକ୍ ବର୍ଷାନୁ ୨୧ ଦଶ୍‌ମିକ୍ ୪ ପ୍ରତିଶତ୍ ଅଏତ୍‌କା ଆଏ ବଲି ସୂଚ୍‌ନା ମିଲିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ବର୍ଷା ହେଇଛେ । ଆଏବା ୨୪ ଘଂଟା ଲାଗି ଜବର୍ ବର୍ଷା କେ ନଜର୍‌ଥି ରଖିକରି ସମ୍ବଲ୍‌ପୁର୍, ବର୍‌ଗଡ଼୍, ଝାର୍‌ସୁଗୁଡ଼ା ଆର୍ ସୁନ୍ଦର୍‌ଗଡ଼୍ ଜିଲ୍ଲା ନ ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇ ଜିଲ୍ଲାମାନ୍‌କର୍ ଗୁଟେ ଜୁଡ଼େ ଜାଗା ନ ୭

ନୁ ୧୧ ସେଂଟିମିଟର୍‌ତକ୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।